# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 21st March – 2026

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟଗୁଡ଼ିକୁ ଅତିରିକ୍ତ ୨୦ ପ୍ରତିଶତ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ।

- ବନସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଓଡ଼ିଶା' ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଛି; କହିଲେ ମୁଖ୍ୟମନ୍ତ୍ରୀ ।

- ଅନୁଗୁଳ ଜିଲ୍ଲା ଛେଣ୍ଡିପଦାଠାରେ ୧୭୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଏବଂ

- କାଳବୈଶାଖୀ ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି ।

*Desk*

# ଏଲ୍.ପି.ଜି. ବିତରଣ

ରାଜ୍ୟଗୁଡ଼ିକୁ ଅତିରିକ୍ତ ୨୦ ପ୍ରତିଶତ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଏହି ପଦକ୍ଷେପଦ୍ୱାରା ମୋଟ୍ ଏଲପିଜି ଆବଣ୍ଟନ ୫୦ ପ୍ରତିଶତକୁ ବୃଦ୍ଧି ପାଇବ। ସେଥିମଧ୍ୟରେ ପିଏନ୍‌ଜି ସମ୍ପ୍ରସାରଣ କ୍ଷେତ୍ରରେ ସହଜତା ଆଧାରିତ ୧୦ ପ୍ରତିଶତ ଆବଣ୍ଟନ ଅର୍ନ୍ତଭୁକ୍ତ। ଏହି ଅତିରିକ୍ତ ଏଲ୍‌ପିଜି ରାଜ୍ୟଗୁଡ଼ିକର ରେଷ୍ଟୁରାଣ୍ଟ, ଢାବା, ହୋଟେଲ, କ୍ୟାଣ୍ଟିନ, ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଆଦିକୁ ଆବଣ୍ଟନ ପାଇଁ ପ୍ରାଥମିକତା ପ୍ରଦାନ କରାଯିବ। ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର କୌଣସି ଅଭାବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଏଥିପାଇଁ ଭୟଭୀତ ନ ହେବାକୁ ପରାମର୍ଶ ଦିଆଯାଇଛି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଘରୋଇ ଏଲ୍‌ପିଜି ଉତ୍ପାଦନ ବୃଦ୍ଧି କରାଯାଇଛି। ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ପିଏନ୍‌ଜି ସଂଯୋଗକୁ ପ୍ରାଥମିକତା ଦେବା ଲକ୍ଷ୍ୟ ନେଇ ସହରାଞ୍ଚଳରେ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରମୁଖ ସହର ଏବଂ ସହରାଞ୍ଚଳରେ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ପିଏନ୍‌ଜି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।

*BBSR, Malkangiri, Jharsuguda, Boudh/R*

# ବନ ଦିବସ

ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନ ସଚେତନତା ଜରିଆରେ ଓଡ଼ିଶା ବନ ସୁରକ୍ଷା ଏବଂ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ବନ ସଂରକ୍ଷଣକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି । "ଏକ୍ ପେଡ୍ ମା' କେ ନାମ" ଅଭିଯାନରେ କୋଟି କୋଟି ଚାରାରୋପଣ କରାଯିବା ସହିତ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ବୃଦ୍ଧି ପାଉଛି । ଓଡ଼ିଶାରେ ସମୁଦାୟ ବନ ଓ ବୃକ୍ଷ ଆବରଣ ରାଜ୍ୟର ଭୌଗୋଳିକ କ୍ଷେତ୍ରଫଳର ୩୭ ପ୍ରତିଶତରୁ ଅଧିକ । ଗତ ୨ ବର୍ଷରେ ଓଡ଼ିଶାରେ ୫୫୦ ବର୍ଗକିଲୋମିଟରରୁ ଉର୍ଦ୍ଧ୍ୱ ବନ ଆବରଣ ବୃଦ୍ଧି ପାଇଛି । ଆଗାମୀ ଦିନରେ ରାଜ୍ୟ ସରକାର ବନ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବାପାଇଁ ପ୍ରାକୃତିକ ପ୍ରଜାତି ଆଧାରିତ ପରିବେଶ ପୁନଃପ୍ରତିଷ୍ଠା ନୀତି, ସହରାଞ୍ଚଳ ସବୁଜୀକରଣ, ଜୀବିକା ବୃଦ୍ଧିପାଇଁ ଔଷଧୀୟ ବୃକ୍ଷରୋପଣ ପଦକ୍ଷେପ ଗ୍ରହଣ କରାଯାଉଛି । ମନୁଷ୍ୟକୃତ ଜଙ୍ଗଲ ନିଆଁ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice (CM)*** :......

ବନାଗ୍ନି ଓ ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲାପାଇଁ ରାଜ୍ୟ ସରକାର କୃତ୍ରିମ ବୁଦ୍ଧିମତ୍ତା ଏବଂ ଡ୍ରୋନ୍ ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସହିତ ବଜେଟ୍‌ରେ ପର୍ଯ୍ୟାପ୍ତ ଅର୍ଥର ବ୍ୟୟ ବରାଦ କରିଛନ୍ତି । ବନ ସୁରକ୍ଷା ଓ ପ୍ରାକୃତିକ ପରିବେଶ ସଂରକ୍ଷଣ ଦିଗରେ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଏକ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯିବା ସହିତ ଉତ୍ତମ ପ୍ରଦର୍ଶନକାରୀ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନଙ୍କୁ ସମ୍ମାନିତ କରାଯାଇଥିଲା।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ମାଲ୍‌କାନଗିରି ସତୀଗୁଡ଼ା ପରିବେଶୀୟ ପର୍ଯ୍ୟଟନ ସ୍ଥଳୀଠାରେ ବନବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଯୋଗଦେଇ ଜଙ୍ଗଲ ସଂରକ୍ଷଣ ଓ ସୁରକ୍ଷା, ବନାଗ୍ନି ରୋକିବା ଦିଗରେ ଅଧିକ ସଚେତନ ହେବାକୁ କହିଥିଲେ । ଏହି ଅବସରରେ ସ୍ଥାନୀୟ ପର୍ଯ୍ୟଟନସ୍ଥଳୀଠାରେ ଦକ୍ଷିଣ ଓଡ଼ିଶାର ପ୍ରଥମ ଜଳକ୍ରୀଡ଼ା ସୁବିଧାକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ ।

ଝାରସୁଗୁଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ପି.ଏମ୍.ଶ୍ରୀ ନବୋଦୟ ବିଦ୍ୟାଳୟଠାରେ ଏହି ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପଖଣ୍ଡ ବନ ଅଧିକାରୀ ଏବଂ ଅତିରିକ୍ତ ବନ ସଂରକ୍ଷକ ପ୍ରମୁଖ ଯୋଗଦେଇ ସନ୍ତୁଳିତ ପରିବେଶ ସୃଷ୍ଟି କରିବା ଓ ଜଙ୍ଗଲ ସୁରକ୍ଷା ଦିଗରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ ।

ବୌଦ୍ଧ ଜିଲ୍ଲା ବୀରନରସିଂହପୁର ନର୍ସରୀଠାରେ ବନ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ନୂତନ ବନୀକରଣ ଓ ସଂରକ୍ଷଣ, ବନାଗ୍ନି ପ୍ରତିହତ କରିବା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

**Desk**

# ଓଡ଼ିଶା ପକ୍ଷ ପାଳନ

ରାଜ୍ୟରେ ଆସନ୍ତା ମାସ ପହିଲାରୁ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମର ସହିତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଆସନ୍ତା ମାସ ୮ ତାରିଖରେ ଏନ୍‌ସିସି, ଏନଏସ୍‌ଏସ୍, ୟୁଥ୍ ରେଡକ୍ରସ ଓ ରୋଭାର୍ସ ରେଞ୍ଜର୍ସ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯିବ। ଶିବିରର ବିବରଣୀକୁ ଏଚ୍.ଆଇ.ଏମ୍.ଏସ୍. ପୋର୍ଟାଲରେ ଅପଲୋଡ୍ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଓ ମହାବିଦ୍ୟାଳୟର ଅଧ୍ୟକ୍ଷକଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

*Desk*

# ଧର୍ମେନ୍ଦ୍ର ପ୍ରଧାନ - ସମୃଦ୍ଧ ଓଡ଼ିଶା

୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବା ସହିତ ଜଳ, ବାସଗୃହ ଓ ରୋଜଗାର ଭଳି ସମସ୍ତ ସମସ୍ୟାର ସମାଧାନ ଦିଗରେ ରାଜ୍ୟବାସୀଙ୍କୁ ମିଳିତ ଭାବେ ଦାୟିତ୍ୱ ନେବାକୁ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଅନୁଗୁଳ ଜିଲ୍ଲା ଛେଣ୍ଡିପଦାଠାରେ ପ୍ରାୟ ୧୭୨ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବିକାଶ ସହିତ ପରିବେଶ ସୁରକ୍ଷା ମଧ୍ୟ ଅପରିହାର୍ଯ୍ୟ । ସ୍କୁଲ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସମସ୍ତ ଶିକ୍ଷକଙ୍କ ନୈତିକ ଦାୟିତ୍ୱ । କେନ୍ଦ୍ରମନ୍ତ୍ରୀ ଛେଣ୍ଡିପଦାରେ ନିର୍ମିତ ହେବାକୁ ଥିବା ଷ୍ଟାଡିୟମ୍ ଓ ନୂତନ ଗୋଷ୍ଠକେନ୍ଦ୍ରର ଶିଳାନ୍ୟାସ କରିବା ସହିତ ୪୨ ଜଣ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ଲାଭ ହସ୍ତାନ୍ତର କରିଥିଲେ ।

*HS*

# ସଚିବସ୍ତରୀୟ ବୈଠକ

ଭୁବନେଶ୍ୱରଠାରେ ମୁଖ୍ୟ ଶାସନ ସଚି ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୨୦୨୫-୨୬

ଆର୍ଥିକ ବର୍ଷର ବଜେଟ୍ ଅନୁମୋଦନ ଖର୍ଚ୍ଚ ଓ ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ "ଆସ ଜାଣିବା ଆମ ବଜେଟ୍" କାର୍ଯ୍ୟକ୍ରମରେ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍ ସମ୍ପର୍କରେ ବିଭିନ୍ନ ସ୍ତରରେ ଆଲୋଚନା କରାଯାଇଛି । ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ, ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ କାର୍ଯ୍ୟ ଅଗ୍ରଗତି ତଦାରଖ, ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ ଅଞ୍ଚଳ ବିକାଶ, ଆଇ-ଜି.ଓ.ଟି. କର୍ମଯୋଗୀ ପ୍ଲାଟ୍‌ଫର୍ମରେ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଆଦି ପ୍ରଶିକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଛି ।

***Deogarh/R***

# ଜମିପଟ୍ଟା

ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପସ୍ୱରୂପ ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ ନିୟମ-୧୯୬୨ରେ ସଂଶୋଧନ ହେବାଫଳରେ ଦେବଗଡ଼ ଜିଲ୍ଲାର ପ୍ରାକ୍-ବନ୍ଦୋବସ୍ତ ବିକ୍ରୟ ଦଲିଲ୍ ଆଧାରିତ ମ୍ୟୁଟେସନ୍ ମାମଲାରେ ୩୪ ଜଣ ଆବେଦନକାରୀ ଜମିପଟ୍ଟା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ନୂତନ ନିୟମ ଅନୁଯାୟୀ ତହସିଲ୍‌ଦାରମାନଙ୍କୁ ଏଣିକି ପ୍ରାକ୍-ବନ୍ଦୋବସ୍ତ ଦଲିଲ୍ ଆଧାରିତ ମ୍ୟୁଟେସନ୍ ମାମଲାର ଫଇସଲା ନିମନ୍ତେ କ୍ଷମତା ପ୍ରଦାନ କରାଯାଇଛି । ସଂଶୋଧିତ ନିୟମ ପ୍ରକାଶ ପାଇବା ପରେ ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଚାରାଧୀନ ଥିବା ୧୭୦ଟି

ମାମଲାର ଫଇସଲା ନିମନ୍ତେ ବାରକୋଟ ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

*Nayagarh/R*

## ଦୀନଦୟାଲ୍ ପ୍ରଶିକ୍ଷଣ ଶିବିର

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ମହୀପୁରଠାରେ ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି । ଭାରତୀୟ ଜନସଂଘର ପ୍ରତିଷ୍ଠାତା ପଣ୍ଡିତ ଦୀନଦୟାଲ୍‌ଜୀଙ୍କ ଉତ୍ସର୍ଗୀକୃତ ଦେଶସେବା, ମହନୀୟ ଆଦର୍ଶ ସମସ୍ତଙ୍କପାଇଁ ପ୍ରେରଣାର ଉତ୍ସ ହେବ ବୋଲି ନୟାଗଡ଼ ଜିଲ୍ଲା ପ୍ରଭାରୀ ସୁରଥ ବିଶ୍ୱାଳ କହିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ମସମ୍ମାନିତ ଅତିଥି ଭାବେ ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଦୀନଦୟାଲ୍ ଉପାଧ୍ୟାୟଜୀଙ୍କ ଅନ୍ତ୍ୟୋଦୟ ଦର୍ଶନ ଓ ଏକାତ୍ମ ମାନବବାଦର ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ ।

*Kendrapara/R*

# ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ସ୍ୱାସ୍ଥ୍ୟ ସମ୍ପର୍କିତ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାତୃସ୍ୱାସ୍ଥ୍ୟ, ନବଜାତ ଶିଶୁ ଯତ୍ନ ଓ ଶିଶୁମୃତ୍ୟୁକୁ ରୋକିବା, ଟିକାକରଣ, ପରିବାର ନିୟୋଜନ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି । ଯକ୍ଷ୍ମା ଚିହ୍ନଟ କ୍ଷେତ୍ରରେ କେନ୍ଦ୍ରପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲାପାଳ ସମସ୍ତ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

*Desk*

# ଓଡ଼ିଶା ପକ୍ଷ ପାଳନ

ରାଜ୍ୟରେ ଆସନ୍ତା ମାସ ପହିଲାରୁ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମର ସହିତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଆସନ୍ତା ମାସ ୮ ତାରିଖରେ ଏନ୍‌ସିସି, ଏନଏସ୍‌ଏସ୍, ୟୁଥ୍ ରେଡକ୍ରସ ଓ ରୋଭାର୍ସ ରେଞ୍ଜର୍ସ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯିବ।

ଶିବିରର ବିବରଣୀକୁ ଏଚ୍.ଆଇ.ଏମ୍.ଏସ୍. ପୋର୍ଟାଲରେ ଅପଲୋଡ୍ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଓ ମହାବିଦ୍ୟାଳୟର ଅଧ୍ୟକ୍ଷକଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ।

***Desk***

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବଜ୍ରପାତ ସହିତ ବର୍ଷା ସମ୍ଭାବନା ରହିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ଓ ପବନ ନେଇ ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ରହିବ । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

******